# Operation Dost

February 08, 2023

## ଅପରେସନ ଦୋସ୍ତ

**ଫେବୃଆରୀ 08, 2023**

ଫେବୃଆରୀ 2023 ରେ ତୁର୍କୀ ଏବଂ ସିରିଆରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରଭାବିତ ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉ।

ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସନ୍ଧାନ ଓ ଉଦ୍ଧାର ପ୍ରୟାସ ତଥା ଚିକିତ୍ସା ସହାୟତା କ୍ଷେତ୍ରରେ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ଅପରେସନ ଦୋସ୍ତ ଆରମ୍ଭ କରାଯାଇଥିଲା। ଏଥିରେ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ସହିତ ଏକ ସମ୍ପୂର୍ଣ୍ଣ-ସରକାରୀ ଆଭିମୁଖ୍ୟକୁ ସାମିଲ କରାଯାଇଛି। ତ୍ୱରିତ ପଦକ୍ଷେପ ଅନ୍ତର୍ଗତ ସହାୟତା ଅନୁରୋଧ ମିଳିବାର କିଛି ଘଣ୍ଟା ମଧ୍ୟରେ ପ୍ରଥମ ସି-17 ଭାରତୀୟ ବାୟୁସେନା ବିମାନ ଏକ ବିଶେଷ ସନ୍ଧାନ ଓ ଉଦ୍ଧାରକାରୀ ଦଳକୁ ନେଇ ତୁର୍କୀ ଅଭିମୁଖେ ଯାତ୍ରା କରିଥିଲା।

ତା'ପରଠାରୁ ଭାରତ 5ଟି ସି-17 ବାୟୁସେନା ବିମାନରେ ତୁର୍କୀକୁ 250 ରୁ ଅଧିକ କର୍ମଚାରୀ, ବିଶେଷ ଉପକରଣ ଏବଂ 135 ଟନରୁ ଅଧିକ ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ପଠାଇବାରେ ସକ୍ଷମ ହୋଇଛି।

ଏଥିରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ବା ଏନଡିଆରଏଫର ତିନୋଟି ସ୍ୱାବଲମ୍ବୀ ଦଳ ଅନ୍ତର୍ଭୁକ୍ତ, ଯେଉଁଥିରେ କୁକୁର ସ୍କ୍ୱାଡ୍, ବିଶେଷ ଉପକରଣ, ମୋଟରଯାନ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହିତ 150 ଜଣରୁ ଅଧିକ ବିଶେଷ ତାଲିମପ୍ରାପ୍ତ କର୍ମଚାରୀ ଅଛନ୍ତି। ସେମାନଙ୍କର ଉପକରଣ ଭୁଶୁଡ଼ି ପଡ଼ିଥିବା ଅଟ୍ଟାଳିକା ତଳେ ଫସି ରହିଥିବା ଲୋକଙ୍କୁ ଖୋଜିବା, ସେମାନଙ୍କ ଅବସ୍ଥିତି ଜାଣିବା ଏବଂ ସେମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ବାହାର କରିବାରେ ସାହାଯ୍ୟ କରିଥାଏ।

ଏତଦ୍ ବ୍ୟତୀତ ଭାରତୀୟ ସେନାର 30ଟି ଶଯ୍ୟା ବିଶିଷ୍ଟ ସ୍ୱାବଲମ୍ବୀ କ୍ଷେତ୍ରୀୟ ଡାକ୍ତରଖାନା ସ୍ଥାପନ ପାଇଁ କର୍ମଚାରୀ ଓ ଉପକରଣ ପଠାଯାଇଛି। ଏଥିରେ ଅତ୍ୟାବଶ୍ୟକୀୟ ଔଷଧ, ଉନ୍ନତ ଉପକରଣ, ମୋଟରଯାନ ଏବଂ ଆମ୍ବୁଲାନ୍ସ ସମେତ 99 ଜଣ ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀଙ୍କ ଏକ ଦଳ ଅନ୍ତର୍ଭୁକ୍ତ। ଏହି ଡାକ୍ତରଖାନା ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ଅପରେସନ୍ ଥିଏଟର ଏବଂ ଏକ୍ସ-ରେ, ଭେଣ୍ଟିଲେଟର ଆଦି ସୁବିଧା ଯୋଗାଇବ।

ତୁର୍କୀରେ ଆମର ଦଳର ନିୟୋଜନ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଭାରତୀୟ ଦୂତାବାସ ମାଧ୍ୟମରେ ସମନ୍ୱୟ ରକ୍ଷା କରାଯାଉଛି। ଭାରତୀୟ ଦୂତାବାସ ଅଦାନାଠାରେ ଏକ କ୍ୟାମ୍ପ ଅଫିସ୍ ପ୍ରତିଷ୍ଠା କରିଛି। ଡାକ୍ତରୀ ଦଳ ଇସ୍କେଣ୍ଡେରନଠାରେ କ୍ଷେତ୍ରୀୟ ଡାକ୍ତରଖାନା ସ୍ଥାପନ କରୁଥିବାବେଳେ ଗାଜିଆଣ୍ଟେପଠାରେ ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ ଦଳଗୁଡିକ ସହାୟତା କରୁଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନଙ୍କ ଏକ ଦଳକୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ତୁର୍କୀରେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ଦୁଇଜଣ ତୁର୍କୀ ଭାଷା କହୁଥିବା ଅଧିକାରୀ ସାମିଲ ଅଛନ୍ତି।

ଆମର ଦୂତାବାସ ମଧ୍ୟ ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ବିଶେଷ କରି ତୁର୍କୀର ସର୍ବାଧିକ ପ୍ରଭାବିତ ଅଦାନା, ଗାଜିଆଣ୍ଟେପ, ମାଲାଟ୍ୟା ଏବଂ କାହରାମନମାରସ ପ୍ରଦେଶରେ ଭାରତୀୟ ନାଗରିକମାନଙ୍କ ଅବସ୍ଥା ବିଷୟରେ ଆକଳନ କରୁଛି। ଦୂତାବାସ ଏକ ହେଲ୍ପ ଡେସ୍କ ମଧ୍ୟ ସ୍ଥାପନ କରିଛି। ଗମ୍ଭୀର ଲଜିଷ୍ଟିକ୍ ପ୍ରତିବନ୍ଧକ ଯେପରିକି ସଡ଼କ ଅବସ୍ଥା ଓ ପ୍ରତିକୂଳ ପାଣିପାଗ ଜାରିଥିବା ଉଦ୍ଧାର କାର୍ଯ୍ୟକୁ ସୀମିତ କରିଥିବା ବେଳେ ଆମର ଅଧିକାରୀମାନେ ଫସି ରହିଥିବା ପ୍ରାୟ ଦଶ ଜଣ ଭାରତୀୟ ନାଗରିକଙ୍କ ନିକଟରେ ପହଞ୍ଚିଛନ୍ତି। ଜଣେ ନିଖୋଜ ଭାରତୀୟଙ୍କ ସନ୍ଧାନ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି।

ସିରିଆକୁ ଏକ ସି130ଜେ ଭାରତୀୟ ବାୟୁସେନା ବିମାନ ଜରିଆରେ 6 ଟନରୁ ଅଧିକ ଜରୁରୀକାଳୀନ ରିଲିଫ୍ ସହାୟତା ପ୍ରଦାନ କରାଯାଇଛି। ଏହି ସାମଗ୍ରୀରେ ଜରୁରୀକାଳୀନ ବ୍ୟବହାର ପାଇଁ ଔଷଧ, ହାଇଡ୍ରେସନ୍ ପାଇଁ ତରଳ ପଦାର୍ଥ, ସୁରକ୍ଷା ପୋଷାକ, ସାଧାରଣ ବ୍ୟବହାର ପାଇଁ ଔଷଧ ଏବଂ ମେଡିକାଲ ଉପକରଣ ଯେପରିକି ଇସିଜି ମେସିନ୍, ରୋଗୀ ମନିଟର ଆଦି ଅନ୍ତର୍ଭୁକ୍ତ। ସିରିଆର ସ୍ଥାନୀୟ ପ୍ରଶାସନ ଓ ପରିବେଶ ଉପମନ୍ତ୍ରୀ ମାନ୍ୟବର ଶ୍ରୀ ମୌତାଜ ଦୋଆଜୀ ଡାମାସକସ ବିମାନବନ୍ଦରରେ ଏହି ସାମଗ୍ରୀକୁ ଗ୍ରହଣ କରିଥିଲେ।

ଏହି ଭୟଙ୍କର ଭୂମିକମ୍ପରେ ପ୍ରଭାବିତ ଲୋକଙ୍କୁ ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଅପରେସନ ଦୋସ୍ତ ଏହା ପ୍ରମାଣିତ କରେ ଯେ ଭାରତ ହେଉଛି ପ୍ରଥମ ପ୍ରତିକ୍ରିୟାଶୀଳ ଓ ନେଟ ସୁରକ୍ଷା ପ୍ରଦାନକାରୀ ଦେଶ ଯାହାର **ମାନବିକ ସହାୟତା ଓ ବିପର୍ଯ୍ୟୟ ପ୍ରଶମନ (ଏଚଏଡିଆର)** କାର୍ଯ୍ୟ ତ୍ୱରିତ ଏବଂ ଏହା କେବଳ ପଡୋଶୀ ଅଞ୍ଚଳରେ ନୁହେଁ, ବାହାର ଦେଶମାନଙ୍କ ପାଇଁ ମଧ୍ୟ ଉପଲବ୍ଧ।

**ନୂଆଦିଲ୍ଲୀ**

**ଫେବୃଆରୀ 08, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.